ଶୋଚନୀୟ ପୂର୍ତ୍ତ ବିଭାଗ ରାସ୍ତା

ସରୁନି ପ୍ରଶସ୍ତିକରଣ କି ହେଉନି ମରାମତି

ଢେଙ୍କାନାଳରୁ ଲକ୍ଷ୍ମୀନାରାୟଣ ତ୍ରିପାଠୀ

ଯାତାୟାତ ପାଇଁ ବିପଦ ସାଜିଛି କାଲଟାକ୍ସ-କୋରିଆଁ ପୂର୍ତ୍ତ ରାସ୍ତା । ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ରହିଥିବାରୁ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ବେଳେ ବାଇକ୍ ଆରୋହୀମାନେ ଖାଲଖମାରେ ପଡି ଆହତ ମଧ୍ୟ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ଆସିଥାଏ । ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ରାଜନେତା ଓ ଜନପ୍ରତିନିଧିମାନେ ଏହି ରାସ୍ତା ଦେଇ ଯାଉଥିଲେ ମଧ୍ୟ ସତେ ଯେପରି କାହାର ଏଥିପ୍ରତି ନଜର ପଡ଼ୁନି । ଦୀର୍ଘଦିନ ଧରି ଏହି ରାସ୍ତାର ପ୍ରଶସ୍ତିକରଣ ଚାଲୁଥିଲେ ମଧ୍ୟ ରାସ୍ତା ନିର୍ମାଣ ସରୁନାହଁ କି ମରାମତି ମଧ୍ୟ ହେଉନଥିବାରୁ ସାଧାରଣରେ ଅସନ୍ତୋଷ ହେଉଛି ।

▶▶ ଯାତାୟାତରେ ଅସୁବିଧା

▶▶ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଢେଙ୍କାନାଳ ସହରର ଷ୍ଟେସନ ଛକରୁ କାମାକ୍ଷାନଗର ଛକ ପର୍ଯ୍ୟନ୍ତ ରାସ୍ତା ଏକପ୍ରକାର ଶୋଚନୀୟ ହୋଇପଡିଛି । ଫଳରେ ଯାତାୟତରେ ଘୋର ଅସୁବିଧା ହେଉଛି । ଯାତାୟାତ କରୁଥିବା ଗାଡ଼ି ମଟର ସମେତ ଯାତ୍ରୀମାନେ ହୀନସ୍ଥା ହେଉଥିବା ଦେଖାଯାଇଛି । ରାସ୍ତାସାରା ବିଭିନ୍ନ ଜାଗାରେ ଖାଲଖମା ଓ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାବେଳେ ଯାତ୍ରୀଙ୍କ ପାଇଁ ଏହା ପ୍ରତି ମୂହୁର୍ତ୍ତ ବିପଦ ସୃଷ୍ଟି କରୁଛି । ସହର ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ କାମ ସରିବାର ନାଁ ଧରୁ ନଥିବା ବେଳେ ତା ପାର୍ଶ୍ୱରେ ଯାଇଥିବା ଏହି ରାସ୍ତାଟି ଢେଙ୍କାନାଳ ସହରରୁ କାମାକ୍ଷାନଗର ଛକ ପର୍ଯ୍ୟନ୍ତ ଯାଇ ସେଠାରେ ଡାହାଣକୁ କାମାକ୍ଷାନଗର ରାସ୍ତା ସହ ମିଶିଥିବା ବେଳେ ସିଧା ଆଗକୁ ଗୁଣ୍ଡିଚାପଡା ଆଡକୁ ଯାଇଛି । ରାଜପଥ ଓସାର ହେବା ଯୋଗୁଁ ଏହି ରାସ୍ତା କାମ ମଧ୍ୟ ଉନ୍ନତିକରଣ କରାଯିବା ସହ ଏହା ସହର ମଧ୍ୟ ଦେଇ ଯାଇଥିବା ପୂର୍ତ୍ତ ରାସ୍ତା ସହ ସଂଯୋଗ କରୁଛି । ମାତ୍ର ରାଜପଥ କାମ ସରିନଥିବାରୁ ପ୍ରାୟ ସମସ୍ତ ଗାଡ଼ି ମୋଟର ଏହି ରାସ୍ତା ଦେଇ ଯିବା ଆସିବା କରିବା ଦ୍ୱାରା ଅଧିକାଂଶ ସମୟ ରାସ୍ତା ଜାମ ରହୁଛି ଏବଂ ଅହରହ ବିଭିନ୍ନ ଭାରିଯାନ ଗାଡି ଯିବାଆସିବା ଯୋଗୁଁ ରାସ୍ତା ଭାଙ୍ଗିରୁଜି ଖାଲଖମଣ ଭର୍ତ୍ତି ହୋଇ ରହିଛି । ସେଥିପ୍ରତି ଏନ୍‌ଏଚ ଏଆଇ କର୍ତ୍ତୃପକ୍ଷ ଅବା ପୂର୍ତ୍ତ ବିଭାଗ କି ଜିଲ୍ଲା ପ୍ରଶାସନ କାହାର ବି ଦୃଷ୍ଟି ପଡୁନି । ଅନ୍ୟକିଛି ବିକଳ୍ପ ନ ଥିବା ବେଳେ ବାଧ ହୋଇ ସେହି ବାଟ ଦେଇ ବିଭିନ୍ନ ଯାତ୍ରୀ ତଥା ସାଧାରଣ ଗାଡିମୋଟର ଗୁଡିକ ଅହରହ ଯିବା ଆସିବା କରୁଛନ୍ତି । ଫଳରେ ସାଧାରଣ ଯାତ୍ରୀ ହୀନସ୍ତା ହେବା ସହ ସମୟ ସମୟରେ କାମାକ୍ଷାନଗର ଛକରୁ କୋରିଆଁ ବାଇପାସ ଛକ ପର୍ଯ୍ୟନ୍ତ ରାସ୍ତା ଅତିକ୍ରମ କରିବାକୁ ଘଣ୍ଟା ଘଣ୍ଟା ସମୟ ଲାଗିଯାଉଛି । ସନ୍ଧ୍ୟା ପରେ ସମସ୍ୟା ଅଧିକ ବଢୁଥିବା ବେଳେ ବର୍ଷା ସମୟରେ ସ୍ଥିତି ଆହୁରି ବିଗିଡି ଯାଉଛି । ବିଶେଷ କରି ରାସ୍ତାଟିର କାଲଟାକ୍ସ ଷ୍ଟେସନ ବଜାର ଅଞ୍ଚଳରୁ କାମାକ୍ଷାନଗର ଛକ ପର୍ଯ୍ୟନ୍ତ ପ୍ରାୟ ରାସ୍ତା ସାରା ଖଣ୍ଡିଆ ଖାବରା ଖାଲଖମଣ ଆଦି ରହିବା ସହ ଠାଏଁ ଠାଏଁ ଗର୍ତ୍ତ ସୃଷ୍ଟି ହୋଇ ଯାତ୍ରୀଙ୍କୁ ନାକେଦମ କରୁଛି । ଫଳରେ ବାରମ୍ବାର ଟ୍ରାଫିକ୍ ସମସ୍ୟା ସହ କ୍ରମଶଃ ରାସ୍ତା ଦୁର୍ଘଟଣା ବଢିବାର ଆଶଙ୍କା ସୃଷ୍ଟି ହୋଇଛି । ଏଭଳି ସମସ୍ୟାର ଆଶୁ ସମାଧାନ ପାଇଁ ସାଧାରଣରେ ଦାବି କରାଯାଉଛି ।

ଏଫଏମ୍ କଲେଜ ଛାତ୍ରୀ ନିର୍ଯାତନା ଘଟଣା

ବିଜେଡିର ବିକ୍ଷୋଭ

।। ପ୍ରଭାନ୍ୟୁଜ ।। **ବାଲେଶ୍ୱର, ୧୪।୭ :** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ନିର୍ଯାତନା ନିଆଁରେ ସାରା ଓଡ଼ିଶା ଜଳୁଛି । ଛାତ୍ରୀଙ୍କୁ ନ୍ୟାୟ ପାଇଁ ଜାରି ରହିଛି ପ୍ରତିବାଦ । ବିଜେଡି ପକ୍ଷରୁ ସୋମବାର ବାଲେଶ୍ୱର ଏଫଏମ୍ କଲେଜ ଆଗରେ ବିକ୍ଷୋଭ କରାଯାଇଛି । ବାଲେଶ୍ୱରର ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ଦାବିରେ ଜୋରଦାର ପ୍ରତିବାଦ କରିଛି ଦଳ । ଏଫଏମ କଲେଜ ସାମ୍ନାରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ସାଂସଦ, ବିଧାୟକଙ୍କ କୁଶପୁତଳିକା ମଧ୍ୟ ଦାହ କରାଯାଇଛି । ତେବେ ଗେଟରେ ତାଲା ପକାଇ ଏହି ପ୍ରତିବାଦ କରାଯାଇଥିବା ଦେଖିବାକୁ ମିଳିଥିବା ବେଳେ ଗେଟ୍ ସାମ୍ନାରେ ଟାୟାର ଜାଳି ନ୍ୟାୟ ଦାବିରେ ରାସ୍ତାରେ ବସିଥିଲେ ଦଳୀୟ କର୍ମୀ । ଅପାରଗ ସରକାର ରାଜ୍ୟରେ କଲେଜ ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ଅସମର୍ଥ ବୋଲି ବିଜେଡି କର୍ମୀ ଅଭିଯୋଗ ଆଣି ଉଭୟ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ଦାବି କରିଛନ୍ତି । ଏଥିସହ ସମସ୍ତ ଦୋଷୀଙ୍କ ବିରୋଧରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି । ଗତକାଲି ମଧ୍ୟ ବାଲେଶ୍ୱର ଘଟଣାରେ ରାଜଧାନୀରେ ପ୍ରତିବାଦ ଦେଖିବାକୁ ମିଳିଥିଲା । ରାଜଧାନୀରେ ଉଭୟ ବିଜେଡି ଓ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା ।

ସମ୍ବିଧାନ ସଚେତନତା କାର୍ଯ୍ୟକ୍ରମ

।। ପ୍ରଭାନ୍ୟୁଜ ।। **ବଲାଙ୍ଗିର, ୧୪।୭ :** ଭୀମ ଆର୍ମି ପକ୍ଷରୁ ବଲାଙ୍ଗିରରେ ସମ୍ବିଧାନ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ ମହିଳା ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ ବ୍ଲକ, ପଂଚାୟତରୁ କୋଣ ଅନୁକୋଣରୁ ଶତାଧିକ କର୍ମୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଧିମାନ ପ୍ରସାନ୍ତ ବୌଦ୍ଧ ଯୋଗ ଦେଇ ପ୍ରତ୍ୟେକ ଭାଇମାନଙ୍କୁ ସମ୍ବିଧାନ ବିଚାର ଉପରେ ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଧିମାନ ସୁଶାନ୍ତ ମଲ୍ଲିକ, ଇନ୍ଦ୍ରଜିତ ଜାଲ, ଚିନ୍ମୟ ହରପାଳ, ଭୀମ ଆର୍ମି ଜିଲ୍ଲା ଇନ୍‌ଚାର୍ଯ୍ୟ ଧୀମାନ ରଜନୀକାନ୍ତ ବୌଦ୍ଧ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସଂପାଦକ ଧୀମାନ ସୁଶାନ୍ତ ବୌଦ୍ଧ ପରିଚାଳିତ କରିଥିଲେ । ସଭା ସମିତି ଶେଷ ଆଡକୁ ଧୀମାନ ସୁଶାନ୍ତ ଭାଇ ଏବଂ ରଜନୀଙ୍କ ଜରିଆରେ କିଛି ଭୀମ ଆର୍ମି ପଦବୀ ପୂରଣ କରାଯାଇଥିଲା ଏବଂ ଜିଲ୍ଲା ସାଧାରଣ ସଂପାଦକ ସୁଶାନ୍ତ ବୌଦ୍ଧଙ୍କ ଦ୍ୱାରା ସଭା ସାଙ୍ଗ କରାଯାଇଥିଲା । ଶେଷରେ ଭୀମ ଆର୍ମି ପକ୍ଷରୁ ଜିଲ୍ଲା ସଭାପତି ଭାବେ ଅନିଲ ମୁଣ୍ଡୀ ଓ ନଗର ସଭାପତି ଯଶୋବନ୍ତ ବଡିଆଙ୍କୁ ମନୋନୀତ କରାଯାଇଥିଲା ।

କେନାଲ ସଫେଇ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ !

।। ପ୍ରଭାନ୍ୟୁଜ ।। **ସାଲେପୁର, ୧୪।୭ :** ବର୍ଷା ଋତୁ ଆସିଲେ କେନାଲ ସଫେଇ କଥା ମନେ ପଡେ ଜଳସେଚନ ବିଭାଗର । କେନାଲ ସଫେଇ ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ କେନାଲ ସଫେଇ ନାମରେ କେନାଲରୁ ଖାଲି ଘାସ ସଫା କରାଯାଇ ବ୍ୟାପକ ଅର୍ଥ ଆତ୍ମସାତ୍ କରାଯାଉଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି । ୬ନଂ କେନାଲ ଜଳସେଚନ ବିଭାଗ ଓ ଠିକାଦାରଙ୍କ ପାଇଁ ଲେଉଟିଆ କିଆରିରେ ପରିଣତ ହୋଇଛି ।

ପ୍ରକାଶ ଯେ, କୃଷି ଓ କୃଷକର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଉକ୍ତ ଟଙ୍କା ଠିକ୍ ରୂପେ ବିନିଯୋଗ ହେଉନଥିବାରୁ କେନାଲ ଗୁଡିକ ପୋତି ହେବାକୁ ବସିଲାଣି । ପ୍ରତିବର୍ଷ କେନାଲ ସଫେଇ କରାଯାଉଥିବା ଦର୍ଶାଯାଉଥିବାବେଳେ କେନାଲର ଉଭୟ ପାର୍ଶ୍ୱରୁ କେବଳ ଘାସ ସଫା କରାଯାଉଥିବା ଅଭିଯୋଗ ହେଉଛି । ଫଳରେ କେନାଲର ବିଭିନ୍ନ ସ୍ଥାନରେ ପୋତି ହୋଇଥିବା ସ୍ଥାନକୁ ଖୋଲା ନ ଯିବାରୁ ଜଳସେଚନ ଠିକ୍ ରୂପେ ହୋଇପାରୁନାହିଁ । ପ୍ରତିବର୍ଷ କେନାଲ ସଫେଇ ନାମରେ ଆସୁଥିବା ଅର୍ଥକୁ କେନାଲକୁ ଠିକ୍ ଭାବେ ସଫା କରାନଯାଇ କେନାଲର ଉଭୟ ପାର୍ଶ୍ୱରେ ଥିବା ଘାସଲତାକୁ ଜେସିବି ସାହାଯ୍ୟରେ ରାତିଅଧିଆ ସଫା କରାଯାଇ ସରକାରୀ ଅର୍ଥ ଆତ୍ମସାତ୍ କରାଯାଉଛି । ୬ନଂ କେନାଲର ବାରିଗୋଳ ଗ୍ରାମ ନିକଟରେ କେନାଲକୁ ସଫେଇ ନାମରେ ରାତି ଅଧିଆ ଘାସ କଟା ଯାଇଥିବାବେଳେ କେନାଲକୁ ସୁଚାରୁ ରୂପେ ସଫେଇ କରାଯାଇନଥିବାରୁ ଏହି ଅଞ୍ଚଳର ବହୁ ଚାଷୀ ଅଭିଯୋଗ କରିଛନ୍ତି । ସେହିପରି କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ବିଭିନ୍ନ ଶାଖା କେନାଲ ଗୁଡିକ ଠିକ୍ ଭାବେ ସଫେଇ କରାଯାଉନଥିବାରୁ ଜମିର ଶେଷ ମୁଣ୍ଡରେ କେନାଲ ପାଣି ପହଞ୍ଚିପାରୁନାହିଁ । ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ସେହିପରି ଚାଷୀମାନେ ବର୍ଷା ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି । ସେହିପରି ବର୍ଷା ହେଲା ପରେ ୬ନଂ କେନାଲର ଉଭୟ ପାର୍ଶ୍ୱରୁ ମାଟି ଖସି କେନାଲ ମଧ୍ୟରେ ପଡି କେନାଲ ପୋତି ହେଉଥିଲେ ମଧ୍ୟ ଉକ୍ତ ମାଟିକୁ ସଫା କରାଯାଉ ନାହିଁ । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ରାସ୍ତାରେ ଭାସୁଛି ଡ୍ରେନ୍ ପାଣି

ବଢୁଛି ଜନ ଅସନ୍ତୋଷ

।। ପ୍ରଭାନ୍ୟୁଜ ।। **କୋକସରା, ୧୪।୭ :** କୋକସରା ବ୍ଲକ ବଡପୋଡାଗୁଡା ଗ୍ରାମ ପଞ୍ଚାୟତର ଏନଗୁଡା ଗ୍ରାମର ଉପରପଡ଼ା ଠାରେ ଥିବା ନଳକୂପ ଡ୍ରେନ୍ ଦୀର୍ଘଦିନ ହେବ ସଫା ନ କରାଯାଇଥିବାରୁ ଅଳିଆ , ଆବର୍ଜନା ଭର୍ତ୍ତି ହୋଇ ପୋତି ହେବା ସହ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଡ୍ରେନ୍‌ର ଅପରିଷ୍କାର ପାଣି ଭାସୁଛି । ଦୈନନ୍ଦିନ ପଡ଼ାବାସୀ ଦୂଷିତ ପାଣି ମାଡି ଯାତାୟତ କରୁଛନ୍ତି । ଅନ୍ୟପକ୍ଷରେ ପାଣି ଜମି ରହୁଥିବାରୁ ମଶା, ମାଛିଙ୍କ ଉପଦ୍ରବ ବଢ଼ି ଚାଲିଛି । ଫଳରେ ବର୍ଷା ଋତୁରେ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ମଧ୍ୟ ଆଶଙ୍କା ରହିଛି । ଏଭଳି ସମାନ ସ୍ଥିତି ଗ୍ରାମର ତଳପଡ଼ା ଠାରେ ଥିବା ନଳକୂପ ଡ୍ରେନ ମଧ୍ୟ ଦୀର୍ଘଦିନ ହେବ ସଫା କରାଯାଇ ନ ଥିବାରୁ ଆବର୍ଜନା ଭର୍ତ୍ତି ହୋଇ ପଚି ଦୁର୍ଗନ୍ଧ ବାହାରୁଥିବାରୁ ସ୍ଥାନୀୟ ଲୋକେ ନାକ ଟେକି ବାହାରକୁ ବାହାରୁଛନ୍ତି । ଉକ୍ତ ଗ୍ରାମରୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ୱେ ରାସ୍ତା ବରଗଛ ପାର୍ଶ୍ୱରେ ଡ୍ରେନ୍‌ର ଅପରିଷ୍କାର ପାଣି ମାଡ଼ି ଯାତାୟତ କରୁଛନ୍ତି । ଫଳରେ ସ୍ଥାନୀୟ ବାସିନ୍ଦା ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପଞ୍ଚାୟତ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ରେଳ ଷ୍ଟେସନରେ ଏଟିଏମ୍ ସ୍ଥାପନ ଦାବି

।। ପ୍ରଭାନ୍ୟୁଜ ।। **ବୈଶିଙ୍ଗା, ୧୪।୭ :** ବୈଶିଙ୍ଗା ବଜାର ତଥା ୧୮ନଂ ଜାତୀୟ ରାଜପଥ ଠାରୁ ତିନି କିମି ଦୂରରେ ଅବସ୍ଥିତ ଯୁଗପୁରା ରେଳ ଷ୍ଟେସନ । ନିକଟବର୍ତ୍ତୀ ସ୍ଥାନରେ ଛୋଟ ବଡ଼ ଦୋକାନମାନଙ୍କୁ ନେଇ ଏକ ବଜାର ସୃଷ୍ଟି ହେଉଥିବା ଲକ୍ଷ୍ୟ କରାଯାଇଛି । ଏଥିସହିତ ଆମ୍ବିକା ରାଇସ୍ ମିଲ ସଂଲଗ୍ନ ଷ୍ଟେସନ ବଜାର, ୫୦ ମିଟର ଦୂରରେ ସନ୍ତରା ପଞ୍ଚାୟତ କାର୍ଯ୍ୟାଳୟ, ରାଜସ୍ୱ କାର୍ଯ୍ୟାଳୟ, ପୋଷ୍ଟ ଅଫିସ ଓ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଶାଖା ସ୍ଥାପିତ ହୋଇଛି । ଯୁଗପୁରା ବଜାର ଓ ସନ୍ନିକଟ ଅଞ୍ଚଳର ଜନସଂଖ୍ୟା ପଚିଶ ହଜାରରୁ ଊର୍ଦ୍ଧ୍ୱ । ତେବେ ଏଠାରେ ଏଟିଏମ୍ ଟିଏ ନଥିବା ଅଞ୍ଚଳବାସୀଙ୍କ ଦୁଃଖର କାରଣ ହୋଇଛି । ଅନେକ ସମୟରେ ଟ୍ରେନ ଧରିବାକୁ ଆସୁଥିବା ଯାତ୍ରୀଙ୍କ ଟଙ୍କା ଦରକାର ପଡିଲେ ତୁରନ୍ତ ମିଳିପାରେ ନାହିଁ, ଗ୍ରାମ୍ୟ ବ୍ୟାଙ୍କରେ ଲାଇନରେ ଛିଡ଼ା ହୋଇ ରହିବାକୁ ପଡୁଥିବା ଅଞ୍ଚଳବାସୀଙ୍କ ଅଭିଯୋଗ । ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀମାନଙ୍କୁ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଅର୍ଥରାଶି ପ୍ରଦାନ କରାଯାଉଥିବା ବେଳେ ଆବଶ୍ୟକ ସମୟରେ ଟଙ୍କା ଉଠାଇବା ପାଇଁ ଏକ ମାତ୍ର ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଭିଡ଼ ଯୋଗୁଁ ଲୋକଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ନଚେତ୍ ୨/୩ କିମି ଦୂରରେ ବୈଶିଙ୍ଗା ସ୍ଥିତ ଏଟିଏମ୍‌କୁ ଆସିବାକୁ ପଡୁଛି । ଏଣୁ ଜିଲ୍ଲାପାଳ ଏ ଦିଗରେ ଜରୁରୀ ପଦକ୍ଷେପ ଗ୍ରହଣ କରିବା ସହିତ ବ୍ୟାଙ୍କ ଅଧିକାରୀ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଏକ ଏଟିଏମ୍ ସ୍ଥାପନ କରାଇବା ପାଇଁ ଯୁଗପୁରା ବଜାର ବ୍ୟବସାୟୀ ସଂଘ ଓ ରେଳ ଷ୍ଟେସନ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଦାବି କରିଛନ୍ତି ।

ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ

।। ପ୍ରଭାନ୍ୟୁଜ ।। **ସାଲେପୁର, ୧୪।୭ :** ସାଲେପୁର ବ୍ଲକ୍ ନାଦୋଳ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ରର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି । ବିଜେପି ନେତା ହିମାଂଶୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଜନ ଔଷଧି କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ । ଏଠାରେ ଜନ ଔଷଧି କେନ୍ଦ୍ର ଖୋଲିବା ପରେ ଗ୍ରାମାଞ୍ଚଳର ଲୋକମାନେ ସର୍ବନିମ୍ନ ମୂଲ୍ୟରେ ଗୁଣବତ୍ତା ଔଷଧ ପ୍ରାପ୍ତ ହୋଇପାରିବେ ବୋଲି ସେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରିତେଶ ଦାସ, ମନୋଜ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ସାହୁ, ସୁକାନ୍ତ ବେହେରା, ଶଶିକାନ୍ତ ମହାନ୍ତି, ତୁଳସୀରାଣୀ ଦାସ, ରେଣୁବାଳା ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

AFFIDAVIT

By Virtue of an affidavit before Notary public Bhubaneswar on dt. 13.07.2025. I Saraswati Malik aged about 63yrs., C/O- Surendra Nath Mallick resident of At-Krushanasaranpur, Post-Barimunda Dist -Khorda Odisha. My recorded name in Adhar is Saraswati Malik . But In LIC bond my name has been recorded as Sarojini Mallick. Saraswati Malik and Sarojini Mallick is one and the same person. This would be used for all purposes.

ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ

ପୁଣି ସଭାପତି ହେଲେ ଲୋକନାଥ

।। ପ୍ରଭାନ୍ୟୁଜ ।। **ନୀଳଗିରି, ୧୪।୭ :** ବାଲେଶ୍ୱର ଜିଲ୍ଲା ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ସ୍ଥିତ ଗୁରୁକୃପା ହୋଟେଲ ସଭାଗୃହରେ ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା ରାଜ୍ୟ ସଭାପତି ବିଭୁତି ଭୂଷଣ କର, ସମ୍ମାନିତ ଅତିଥି ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ ଏବଂ ୨ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ, ସଙ୍ଘର ବରିଷ୍ଠ ସଦସ୍ୟ ଅକ୍ଷୟ ପଟ୍ଟନାୟକ ଏବଂ ବିଶ୍ୱଜିତ ମିଶ୍ର, ଜିଲ୍ଲା ସଭାପତି ଲୋକନାଥ ଦଳେଇ ପ୍ରମୁଖ ମଞ୍ଚାସୀନ ହୋଇ ସାମ୍ବାଦିକମାନଙ୍କ ସମସ୍ୟା ସମ୍ପର୍କରେ ମତ ରଖିଥିଲେ । ସଭାରେ ନିରଞ୍ଜନ ବାରିକ ଏବଂ ଜୟଶ୍ରୀ ବେହେରା ମଞ୍ଚ ପରିଚାଳନା କରିଥିଲେ । ସର୍ବସମ୍ମତି କ୍ରମେ ଆଗାମୀ ୩ ବର୍ଷ ପାଇଁ ପୁନଶ୍ଚ ଲୋକନାଥ ଦଳେଇ ସଭାପତି ଭାବେ ଚୟନ ହୋଇଛନ୍ତି । ଏହି ଅବସରରେ ନୀଳଗିରି ଯୁବ ପ୍ରତିଭା ଚନ୍ଦ୍ରବିନ୍ଦୁ ଦାସ, କାଣ୍ଡଗରଡ଼ି ସରପଞ୍ଚ ରାଜେନ୍ଦ୍ର ରାଉତ, ବରିଷ୍ଠ ସାମ୍ବାଦିକ ଭଗବାନ ମହଲ, ଜଗନ୍ନାଥ ପାତ୍ର, ଅମିତ ବଳିଆରସିଂ, ଯୁବ ସାମ୍ବାଦିକ ସ୍ୱର୍ଗତ ମନୋରଞ୍ଜନ ପ୍ରଧାନଙ୍କ ପତ୍ନୀ ମାଳତୀ ପ୍ରଧାନ, ସୁଶାନ୍ତ ବେହେରାଙ୍କ ମାତା ସୁକାନ୍ତି ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । ଉପସଭାପତି ଆତ୍ମାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁଧାଂଶୁ ଶେଖର ବାରିକ, ରାଜାରାମ ଦାସ, ଅମର ଆଚାର୍ଯ୍ୟ, କମଳ ଲୋଚନ ଆଚାର୍ଯ୍ୟ, ଗଗନ ସେଠି, ପ୍ରଶାନ୍ତ ବେହେରା, ରାଜକିଶୋର ମଲ୍ଲିକ, ଜୀବନକୃଷ୍ଣ ବାରିକ, ସତ୍ୟବ୍ରତ ଦାସ, ଭଗବାନ ଦାସ, ଅର୍ଜୁନ ସିଂ, ପ୍ରଶାନ୍ତ ବେହେରା, ସଞ୍ଜୟ ସାମନ୍ତ, ପ୍ରଫୁଲ୍ଲ ସାମନ୍ତରାୟ, ଅଂଶୁମାନ ରାଉତ, ନାରାୟଣ ମିଶ୍ର, ସୁରେଶ ମହାନ୍ତି, ଦୀପକ ପରିଡ଼ା, ପ୍ରସନ୍ନ ପାତ୍ର, ଅଜିତ ସାହୁ, ଗୋପାଳ ବିଶ୍ୱାଳ, ସନ୍ୟାସୀ ବେହେରା, ଦେବେନ୍ଦ୍ର ନାୟକ, ପ୍ରଫୁଲ୍ଲ ପଟ୍ଟନାୟକ, ଅକ୍ଷୟ ଜେନା, ବାହାନଗା ଶରତ ସାମଲ, ପ୍ରମୋଦ ଶିଆଳ, ଲୋକନାଥ ପରିଡା, ରବୀନ୍ଦ୍ର ବିଶ୍ୱାଳ, ଅନାଦି ନାୟକ, ଆଲୋକ ପଣ୍ଡା, ମାନସ ବେଜ, ଚନ୍ଦ୍ରଶେଖର ବାରିକ, ବିଭୁତି ଭୂଷଣ ବେହେରା, ନିହାର ରଞ୍ଜନ ଜେନା, ଖଗେଶ୍ୱର ପରମାଣିକ, ସମରେନ୍ଦ୍ର ବାରିକ, ପ୍ରଫୁଲ୍ଲ ମହାନ୍ତି, ରିତୁନନ୍ଦ ଆଚାର୍ଯ୍ୟ, ମାନସ ମହାନ୍ତି, ସୁଶାନ୍ତ ସେଠି, ପ୍ରଶାନ୍ତ ବିଶ୍ୱାଳ, ପ୍ରସନ୍ନ ପାତ୍ର, ଅଜିତ ସାହୁ, ଦୀପକ ପରିଡ଼ା, ଗୋପାଳ ବିଶ୍ୱାଳ, ସନ୍ୟାସୀ ବେହେରା, ଅକ୍ଷୟ ଜେନା, ଦେବେନ୍ଦ୍ର ନାୟକ, ପ୍ରଫୁଲ୍ଲ ପଟ୍ଟନାୟକ, ଅନାଦି ଚରଣ ନାୟକ, ପଦ୍ମଲୋଚନ ଦାସ, ସଞ୍ଜୟ ଦାସ, ମନୋଜ ଭୂୟାଁ, ରବିନ୍ଦ୍ର ପାତ୍ର, ଜୟନ୍ତ ଦାସ, ଗଜେନ୍ଦ୍ର ମହାଳିକ, ବିରେନ୍ଦ୍ର ରାଉତ, ସନ୍ଦୀପ ପଣ୍ଡା, ସୋର ସେକ ତାଜୁରୁଦ୍ଧିନ, ବିକଉନ ବାରିକ, ହେମନ୍ତ ବାରିକଙ୍କ ସମେତ ୧୮୦ ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଉପସ୍ଥିତ ଥିଲେ । ଏହି ଉପଲକ୍ଷେ ସଂଘ ପକ୍ଷରୁ ୨୦ ସ୍ଥାନୀୟ ଗରିବ ଆଦିବାସୀ ପରିବାରକୁ ମଶାରୀ ଏବଂ କମ୍ବଳ ବଣ୍ଟନ କରାଯାଇଥିଲା ।

ରକ୍ତଦାତା ସଂଘର ବାର୍ଷିକ ସମ୍ମିଳନୀ

।। ପ୍ରଭାନ୍ୟୁଜ ।। **ବାଲେଶ୍ୱର, ୧୪।୭ :** ମାନବ ରକ୍ତର ବିକଳ୍ପ ନାହିଁ । ଜଣେ ରକ୍ତଦାତା ହିଁ ରକ୍ତଦାନ କରି ଅନ୍ୟଜଣଙ୍କର ଜୀବନରକ୍ଷା କରିପାରିବ । ତେଣୁ ରକ୍ତଦାନ ହିଁ ମହତଦାନ । ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ୧୫ତମ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇ ଅତିଥି ଓ ବକ୍ତାମାନେ ଏପରି ମତ ଦେଇଛନ୍ତି । ଏହି ସଭାକୁ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ତଥା 'ଆମ ଓଡ଼ିଶା' ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଓ ବକ୍ତାଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଏବଂ ଜିଲ୍ଲା ରକ୍ତକେନ୍ଦ୍ର ଅଧିକାରୀ ଡା. ବସନ୍ତ ଉପାଧ୍ୟାୟ ଯୋଗଦେଇ ରକ୍ତଦାନ କ୍ଷେତ୍ରରେ ବାଲେଶ୍ୱରର ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା ରକ୍ତଦାତା ସଂଘର ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଅତିଥିମାନେ ସଙ୍ଗଠନର ମୁଖପତ୍ର 'ସ୍ପନ୍ଦନ'କୁ ଉନ୍ମୋଚନ କରିଥିଲେ । ଗତବର୍ଷରେ ସର୍ବାଧିକ ରକ୍ତଦାନ ଶିବିର ଆୟୋଜକ, ସର୍ବାଧିକ ରକ୍ତ ସଂଗ୍ରହ କରିଥିବା ବ୍ୟକ୍ତି ଓ ସଙ୍ଗଠନମାନଙ୍କୁ ସଂଘ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ରକ୍ତଦାତା ସଂଘକୁ ୫୦ ହଜାର ଟଙ୍କା ଦାନ କରିଥିବାରୁ ସମାଜସେବୀ ପଦ୍ମଲୋଚନ ଦତ୍ତଙ୍କୁ ଉପାୟନ ପ୍ରଦାନ କରାଯାଇଥିଲା । ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଏଥିରେ ଅଧକ୍ଷତା କରିଥିବାବେଳେ ସାଧାରଣ ସମ୍ପାଦକ ଡ. ହୃଷିକେଶ ସାହୁ ସଂପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ 'ଉତ୍କଳ ଡ୍ୟାନ୍ସ ଗ୍ରୁପ୍' ପକ୍ଷରୁ ଗୋଟିପୁଅ ନୃତ୍ୟ ପରିବେଷଣ ହୋଇଥିଲା । ଗୌରାଙ୍ଗ ପାଣିଗ୍ରାହୀ ମଞ୍ଚ-ଆହ୍ୱାନ କରିଥିବା ବେଳେ ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅକ୍ଷୟ ତ୍ରିପାଠୀ, ପ୍ରଫୁଲ୍ଲ ଦାସ, ଯଶୋଦାନନ୍ଦ ଆସ୍, ଗଙ୍ଗାଧର ପୃଷ୍ଟି, ଲକ୍ଷ୍ମୀଧର ବାରିକ, ଜନ୍ନତ୍ ହୁସେନ୍, ଶ୍ୟାମସୁନ୍ଦର ଜେନା ଓ ଦେବାଶିଷ ପାଣୀ ପ୍ରମୁଖ ସଭା ପରିଚାଳନାରେ ସହାୟତା କରିଥିଲେ । ଆସନ୍ତା ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ରବି ରାଉତ ନିର୍ବାଚନ ପରିଚାଳନା କରିଥିବା ବେଳେ ବିଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

AFFIDAVIT

By virtue of an affidavit before Executive Magistrate, Cuttack 9 Rajakumari Banara aged about 37 yr. w/o-Balanaik Hibru At-Kochila Nuagaon, Po-Badasamantarapur, P.S-Choudwar, Distt-Cuttack. That my name is mentioned as Rajakumari Hiburu in birth Certificate. I have changed my name from Rajakumari Hiburu to Rajakumari Banara Henceforth I shall be known as Rajakumari Banara for all Purposes.

MCL ମହାନଦୀ କୋଲ୍‌ଫିଲ୍‌ଡସ୍ ଲିମିଟେଡ୍

www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5264